# ନଳିନୀ ପ୍ରଧାନଙ୍କୁ ପ୍ରାର୍ଥୀ କଲା ବିଜେଡି

- ଆଠମଲ୍ଲିକରେ ହଟିଲା ଟିକେଟ ଦ୍ୱନ୍ଦ୍ୱ
- ବିଧାୟକ ରମେଶ ଓ ସମର୍ଥକ ନିରାଶ
- ନଳିନୀଙ୍କ ପାଇଁ ବାଣ ଫୁଟାଇଲେ କର୍ମୀ



ଅନୁଗୋଳ, (ଅମିତ କୁମାର ସାମଲ)/ ଆଠମଲ୍ଲିକ (ଉଦୀପ୍ତ ପୁରୋହିତ)/ ବଇଣ୍ଡା, ୩।୪ (ପରିକ୍ଷିତ ସାହୁ)

ଅନୁଗୋଳ ଜିଲା ଆଠମଲ୍ଲିକ ବିଧାନସଭା ନିର୍ବାଚନମଣ୍ଡଳୀରେ ବଜେଡି ପ୍ରାର୍ଥୀ କିଏ ହେବ ସେ ନେଇ ଦୀର୍ଘଦିନ ହେଲା ଲାଗି ରହିଥିବା ଦ୍ୱନ୍ଦ୍ୱର ଅବସାନ ଘଟିଛି। ବୁଧବାର ବିଜେଡି ସଭାପତି ନବୀନ ପଟ୍ଟନାୟକ ଘୋଷଣା କରିଥିବା ପ୍ରାର୍ଥୀ ତାଲିକାରେ ଆଠମଲ୍ଲିକ ପାଇଁ ପ୍ରାର୍ଥୀ ଦିଆଯାଇଛି। ଦଳ ଏଠାରେ ବରିଷ୍ଠ ନେତା ତଥା ପୂର୍ବତନ ପୂର୍ତ୍ତ ସଚିବ ନଳିନୀ ପ୍ରଧାନଙ୍କୁ ପ୍ରାର୍ଥୀ କରିଛି। ଏହାକୁ ନେଇ ନଳିନୀ ଓ ତାଙ୍କ ସମର୍ଥକଙ୍କ ସହ ବିଜେଡି କର୍ମୀମାନେ ଖୁସି ପ୍ରକଟ କରିଛନ୍ତି। ଏପରି କି ଆଠମଲ୍ଲିକ ବିଜେଡି କର୍ମୀମାନେ ବାଣ ଫୁଟାଇ ଉତ୍ସବ ମନାଇଛନ୍ତି। ଟିକେଟ୍ ପାଇବା ପରେ ନଳିନୀ ମା' ସମଲେଶ୍ୱରୀଙ୍କୁ ଦର୍ଶନ କରିବାକୁ ଯାଇଥିବାବେଳେ ଗୁରୁବାର ମା' ମାହେଶ୍ୱରୀଙ୍କୁ ଦର୍ଶନ କରିବାର କାର୍ଯ୍ୟକ୍ରମ ରହିଛି। ଅପରପକ୍ଷରେ ଆଠମଲ୍ଲିକ ବିଧାୟକ ରମେଶ ଚନ୍ଦ୍ର ସାଏ ଏଠାରୁ ପ୍ରାର୍ଥୀ ହେବାକୁ ଯେଉଁ ଆଶା ରଖିଥିଲେ ତାହା ମଉଳି ଯାଇଛି। ସେ ଓ ତାଙ୍କ ସମର୍ଥକଙ୍କୁ ନରାଶ ହେବାକୁ ପଡ଼ିଛି।

ପ୍ରକାଶ ଯେ, ସମ୍ବଲପୁର ଲୋକ ସଭା କ୍ଷେତ୍ର ଅଧୀନରେ ରହିଛି ଅନୁଗୋଳ ଜିଲାର ଆଠମଲ୍ଲିକ ବିଧାନସଭା ନିର୍ବାଚନମଣ୍ଡଳୀ। ୨୦୧୯ ସାଧାରଣ ନିର୍ବାଚନରେ ଉଭୟ ଆଠମଲ୍ଲିକ ବିଧାନସଭା ନିର୍ବାଚନମଣ୍ଡଳୀ ଓ ସମ୍ବଲପୁର ଲୋକ ସଭା କ୍ଷେତ୍ର ଚର୍ଚ୍ଚାର କେନ୍ଦ୍ରରେ ରହିଥିଲା। କାରଣ ପ୍ରଶାସନିକ ଚାକିରିରୁ ଅବସର ନେଇଥିବା ଦୁଇ ବରିଷ୍ଠ ଅଧିକାରୀ ନଳିନୀ ପ୍ରଧାନ ଓ ରମେଶ ଚନ୍ଦ୍ର ସାଏଙ୍କୁ ବିଜେଡି ଏଠାରୁ ପ୍ରାର୍ଥୀ କରିଥିଲା। ନଳିନୀଙ୍କୁ ସମ୍ବଲପୁର ଲୋକ ସଭା ପ୍ରାର୍ଥୀ କରାଯାଇଥିବା ବେଳେ ରମେଶଙ୍କୁ ଆଠମଲ୍ଲିକ ଟିକେଟ୍ ଧରାଇ ଦିଆଯାଇଥିଲା। ହେଲେ ପ୍ରାରମ୍ଭିକ ପଦାର୍ପଣରେ ରମେଶଙ୍କ ବିଜୟ ହୋଇଥିଲା। କିନ୍ତୁ ନଳିନୀ ସମ୍ବଲପୁରରେ ପରାସ୍ତ ହୋଇଥିଲେ। ଦୁଇ ରାଜନେତାଙ୍କ ମଧ୍ୟରେ ଗଭୀର ବନ୍ଧୁତା ସମ୍ପର୍କରେ ସମସ୍ତେ ସେତେବେଳେ ଅବଗତ ଥିଲେ। ହେଲେ ଗତ ପଞ୍ଚାୟତ ନିର୍ବାଚନ ସମୟରେ ଉଭୟଙ୍କ ସମ୍ପର୍କରେ ଫାଟ ସୃଷ୍ଟି ହୋଇଥିଲା। ଏପରି କି ଆଠମଲ୍ଲିକ ନିର୍ବାଚନମଣ୍ଡଳୀରେ ରମେଶଙ୍କ ବିରୋଧରେ ଧୀରେ ଧୀରେ ବିରୋଧର ସ୍ୱର ଉତ୍ତୋଳନ ହୋଇଥିଲା। ଦଳର କର୍ମୀଙ୍କୁ ଅଣଦେଖା କରି ମନଇଚ୍ଛା ପ୍ରାର୍ଥୀ କରିଥିବା ଅଭିଯୋଗ ଆସିଥିଲା। ଏହାକୁ ନେଇ ସେ ସମୟରେ ସ୍ଥାନୀୟ କର୍ମୀମାନେ ନଳିନୀଙ୍କ ହସ୍ତକ୍ଷେପ ଲୋଡ଼ିଥିଲେ। ଫଳରେ ପଞ୍ଚାୟତ ନିର୍ବାଚନରେ ନଳିନୀଙ୍କ ନେତୃତ୍ୱରେ ଏଠାରେ ବିଜେଡି ସମର୍ଥିତ ପ୍ରାର୍ଥୀମାନେ ଭଲ ପ୍ରଦର୍ଶନ କରିଥିଲେ। ଏହାପରେ ଆଠମଲ୍ଲିକର କର୍ମୀ ଓ ଦଳ ମଧ୍ୟ ନଳିନୀଙ୍କୁ ଗୁରୁତ୍ୱ ଦେବା ଆରମ୍ଭ କରିଥିଲେ। ସେବେଠାରୁ ଆଠମଲ୍ଲିକରେ ନଳିନୀଙ୍କ ପ୍ରଭାବ ବଢ଼ି ଚାଲିଥିଲା। ଏପରି କି ନଳିନୀ ଏଠାରୁ ବିଜେଡି ବିଧାୟକ ପ୍ରାର୍ଥୀ ହେବେ ବୋଲି ଚର୍ଚ୍ଚା ଆରମ୍ଭ ହୋଇଥିଲା। ଏହାକୁ ନେଇ ଆଠମଲ୍ଲିକ ବିଜେଡି ଧୀରେ ଧୀରେ ଦୁଇଫାଳ ହୋଇଯାଇଥିଲା। କିଛି କର୍ମୀ ରମେଶଙ୍କୁ ସମର୍ଥନ କରୁଥିବା ବେଳେ ଅନ୍ୟମାନେ ନଳିନୀଙ୍କ ସପକ୍ଷରେ ଥିଲେ। ତେବେ ବୁଧବାର ବିଜେଡି ଆଠମଲ୍ଲିକ ଟିକେଟ୍ ନଳିନୀଙ୍କୁ ଧରାଇ ଦେବା ପରେ ଏବେ ବିଧାୟକ ରମେଶଙ୍କ ଭାଗ୍ୟ କ'ଣ ହେବ ତାହାକୁ ନେଇ ଚର୍ଚ୍ଚା ଜୋର୍ ଧରିଛି। ଏ ସମ୍ପର୍କରେ ନଳିନୀ କହିଛନ୍ତି, ଆଠମଲ୍ଲିକ ନିର୍ବାଚନମଣ୍ଡଳୀର ବିଜେଡି ସରକାରରେ ବିକାଶ ହୋଇଛି। ଆଠମଲ୍ଲିକବାସୀଙ୍କ ଆଶୀର୍ବାଦରେ ଆହୁରି ବିକାଶ କରାଯିବ।

## ପୁଣି ଝୁଲିଲା ଅନୁଗୋଳ, ତାଳଚେର

ଅନୁଗୋଳ,୩।୪ (ଅମିତ କୁମାର ସାମଲ)

ଅନୁଗୋଳ ଜିଲାର ୫ଟି ବିଧାନସଭା ନିର୍ବାଚନମଣ୍ଡଳୀ ମଧ୍ୟରୁ ପ୍ରଥମ ପର୍ଯ୍ୟାୟରେ ବିଜେଡି ଛେଣ୍ଡିପଦା ଓ ପାଲଲହଡ଼ା ଆସନ ପାଇଁ ପ୍ରାର୍ଥୀ ଘୋଷଣା କଲା। ଛେଣ୍ଡିପଦାରୁ ବିଧାୟକ ସୁଶାନ୍ତ ବେହେରା ଓ ପାଲଲହଡ଼ାରୁ ବିଧାୟକ ମୁକେଶ ପାଲଙ୍କୁ ଦଳ ପୁଣି ଟିକେଟ୍ ଦେଲା। ଫଳରେ ତାଳଚେର, ଅନୁଗୋଳ ଓ ଆଠମଲ୍ଲିକରୁ କିଏ ପ୍ରାର୍ଥୀ ହେବେ ତାହା ଝୁଲିରହିଲା। ବୁଧବାର ଦ୍ୱିତୀୟ ପର୍ଯ୍ୟାୟ ଟିକେଟ୍ ଘୋଷଣା ବେଳେ ବିଜେଡି ପକ୍ଷରୁ କେବଳ ଆଠମଲ୍ଲିକ ଆସନ ପାଇଁ ନଳିନୀ ପ୍ରଧାନଙ୍କ ନାମ ଘୋଷଣା କରାଯାଇଛି। ତେଣୁ ଜିଲାର ଅନ୍ୟ ଦୁଇ ନିର୍ବାଚନମଣ୍ଡଳୀ ତାଳଚେର ଏବଂ ଅନୁଗୋଳରେ ଦଳୀୟ ପ୍ରାର୍ଥୀ କିଏ ହେବେ ତାହାକୁ ନେଇ ସାଧାରଣରେ ଉତ୍ସୁକତା ପ୍ରକାଶ ପାଇଛି। ରାଜନୈତିକ ବିଶେଷଜ୍ଞମାନଙ୍କ କହିବା ଅନୁଯାୟୀ, ଅନୁଗୋଳ ନିର୍ବାଚନମଣ୍ଡଳୀରେ ବିଜେଡି ରାଜ୍ୟ ସଭାପତି କିଛି ନୂଆ ବୋଧେ କରିପାରନ୍ତି। ସେଥିପାଇଁ ଅନୁଗୋଳ ସହିତ ତାଳଚେରକୁ ଝୁଲାଇ ରଖାଯାଇଛି।

## ପଛରେ ପଡ଼ିଲା କଂଗ୍ରେସ

ସମ୍ବଲପୁର ଲୋକ ସଭା କ୍ଷେତ୍ର ଅଧୀନରେ ଥିବା ଅନୁଗୋଳ ଜିଲାର ଆଠମଲ୍ଲିକ ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ଭାଜପା ଓ ବିଜେଡି ପ୍ରାର୍ଥୀ ଘୋଷଣା କରିସାରିଛନ୍ତି। ପ୍ରଥମେ ଭାଜପା ବରିଷ୍ଠ ନେତା ସଞ୍ଜୀବ ସାହୁଙ୍କୁ ନିଜର ପ୍ରାର୍ଥୀ ଘୋଷଣା କରିଥିଲା। ବୁଧବାର ବିଜେଡି ଏଠାରୁ ବରିଷ୍ଠ ନେତା ନଳିନୀକାନ୍ତ ପ୍ରଧାନଙ୍କୁ ପ୍ରାର୍ଥୀ ଘୋଷଣା କରିଛି। ହେଲେ ଏ କ୍ଷେତ୍ରରେ କଂଗ୍ରେସ ସମ୍ପୂର୍ଣ୍ଣ ପଛରେ ପଡ଼ିଯାଇଛି।

# ରାସ୍ତା ମରାମତି ଦାବି

ଛେଣ୍ଡିପଦା,୩।୪(ଅଜିତ ଧଳ)

ଛେଣ୍ଡିପଦା ବ୍ଲକ ଛେଣ୍ଡିପଦା–ଜରପଡା ରାସ୍ତାର ଟେଣ୍ଟୋଲୋଇ ଗ୍ରାମ ନିକଟରେ ଖାଲଖମା ସୃଷ୍ଟି ହୋଇଥିବାରୁ ଯାତାୟାତରେ ଅସୁବିଧା ସୃଷ୍ଟି ହେଉଛି। ପୂର୍ତ୍ତ ବିଭାଗ ଅଧୀନରେ ଥିବା ଏହି ରାସ୍ତାର ରକ୍ଷଣାବେକ୍ଷଣ ଅଭାବରୁ ପିଚୁ ଉଠିଯାଇ ଅନେକ ସ୍ଥାନରେ ଗର୍ତ୍ତ ହୋଇଯାଇଛି। ଉକ୍ତ ସ୍ଥାନରେ ପାଣି ଜମି ରହୁଥିବାରୁ ଯାନବାହନ ଓ ପଥଚାରୀଙ୍କ ଗମନାଗମନରେ ବହୁ ଅସୁବିଧା ହେଉଥିବା ସହ ଛୋଟ ବଡ଼ ଦୁର୍ଘଟଣାମାନ ମଧ୍ୟ ଘଟୁଥିବା ଜଣାପଡିଛି। ଏହି ରାସ୍ତା ଉପରେ ଅନୁଗୋଳ, ସମ୍ବଲପୁର ଓ ଦେବଗଡ ଜିଲାର ସହସ୍ରାଧିକ ଯାନବାହାନ ଦୈନିକ ଚଳାଚଳ କରୁଛି। ତେବେ ଯାତାୟାତରେ ଅସୁବିଧାକୁ ଦୃଷ୍ଟିରେ ରଖି ବିଭାଗୀୟ ଯନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ ଜନୈକ ବ୍ୟକ୍ତି ଉକ୍ତ ଖାଲର ମରାମତି କାର୍ଯ୍ୟ କରିଥିଲେ। କିନ୍ତୁ ଉକ୍ତ ମରାମତି ବାବଦ ଅର୍ଥ ଏଯାବତ ତାଙ୍କୁ ମିଳିପାରିନାହିଁ। ତୁରନ୍ତ ଏହି ରାସ୍ତା ପ୍ରତି ଦୃଷ୍ଟି ଦେବାକୁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହୋଇଛି।



ପୂର୍ତ୍ତ ବିଭାଗ ରାସ୍ତାରେ ଖାଲଖମା ସୃଷ୍ଟି ହୋଇଛି।

# କୁଣ୍ଡେଇବିରାଙ୍କ ଦର୍ଶନ କଲେ ଅଶୋକ ମହାନ୍ତି

ପାଲଲହଡ଼ା,୩।୪ (ଦିବ୍ୟଜ୍ୟୋତି ଦାଶ)

ପାଲଲହଡ଼ା ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ଭାଜପା ପକ୍ଷରୁ ପ୍ରାର୍ଥୀ ଘୋଷାଣ ପରେ ବୁଧବାର ଦଳୀୟ ପ୍ରାର୍ଥୀ ଅଶୋକ ମହାନ୍ତି ପାଲଲହଡା ଗସ୍ତରେ ଆସି ମା' କୁଣ୍ଡେଇବିରାଙ୍କ ଦର୍ଶନ କରିବା ସହିତ ଖୁଲୁଡିସ୍ଥିତ ବାବା ଗିରିଶ୍ୱର ମହାଦେବଙ୍କୁ ଦର୍ଶନ କରି ଆଶୀର୍ବାଦ ଭିକ୍ଷା କରିଥିଲେ। ସକାଳୁ ନିଜ ଗାଁ ମଙ୍ଗଳା ମା'ଙ୍କୁ ପୂଜାର୍ଚ୍ଚନା କରିବା ପରେ ସେ କୁଣ୍ଡେଶ୍ୱର ମହାଦେବଙ୍କୁ ଦର୍ଶନ କରିଥିଲେ। ଏହାପରେ ମହାନ୍ତି ପାଲଲହଡା ଅଭିମୁଖେ ଗସ୍ତ କରିଥିଲେ। ପବିତ୍ରନଗର, ଗହମ, ଶିପୁର, କଣ୍ଟିଆପଶି, ଖମାର ଆଦି ସ୍ଥାନରେ ଭାଜପା କାର୍ଯ୍ୟକର୍ତ୍ତାମାନେ ତାଙ୍କୁ ଭବ୍ୟ ସ୍ୱାଗତ କରିଥିଲେ। ବରିଷ୍ଠ ନେତା ଲିଙ୍ଗରାଜ ଦାସ, ତନ୍ମୟ ସାହୁ, ନୃସିଂହ ବରାଳ, ଚନ୍ଦନ ସ୍ୱରାଜ, ମଣ୍ଡଳ ସଭାପତି ପଞ୍ଚାନନ ସାହୁ, ଗୌରଚନ୍ଦ୍ର ପ୍ରଧାନ, ପ୍ରହ୍ଲାଦ ସାମଲ, ଧର୍ମେନ୍ଦ୍ର ସାହୁ, ତ୍ରିପୁରାରୀ ପ୍ରଧାନଙ୍କ ସମେତ ଦେବାନ ମାଝି, ଭୀମସେନ ମାଝି, ସରପଞ୍ଚ କାନ୍ତ ପ୍ରଧାନ, ଶିଶିର ସାମଲ, ମହିଳା ନେତ୍ରୀ ସୌଭାଗିନୀ ପ୍ରଧାନ, ରଞ୍ଜିତା ନାଥ, ଗୌରୀ ହାଇବୁରୁ ପ୍ରମୁଖ ଯୋଗଦେଇ ଥିଲେ।



# ମାମୁଙ୍କ ଆଶୀର୍ବାଦ ନେଇ ପ୍ରଚାର ଆରମ୍ଭ କଲେ କାଳନ୍ଦୀ

ତାଳଚେର, (ମନୋଜ ନନ୍ଦ)/ ବଅଁରପାଳ/ ଅନୁଗୋଳ, ୩।୪ (ଅମିତ କୁମାର ସାମଲ)



ତାଳଚେର ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ଭାଜପା ପକ୍ଷରୁ ପ୍ରାର୍ଥୀ ଘୋଷଣା କରାଯିବା ପରେ ବୁଧବାରଠାରୁ ନିଜର ପ୍ରଚାର ଅଭିଯାନକୁ ଓହ୍ଲାଇଛନ୍ତି ଦଳୀୟ ପ୍ରାର୍ଥୀ କାଳନ୍ଦୀ ସାମଲ। ଭାଜପା ଟିକେଟ ପାଇବା ପରେ ସାମଲ କର୍ମୀମାନଙ୍କ ଗହଣରେ ମାମୁ ଘର ବଅଁରପାଳ ବ୍ଲକ ନୂଆହତାକୁ ଆସି ମଙ୍ଗଳବାର ସନ୍ଧ୍ୟାରେ ଦୁଇ ମାମୁ ପ୍ରମୁଖ ସିଂହ ଏବଂ ପ୍ରଶାନ୍ତ ସିଂହଙ୍କୁ ଓ ମାଇଁ ଦ୍ରୌପଦୀ ସିଂହଙ୍କ ଠାରୁ ଆଶୀର୍ବାଦ ଭିକ୍ଷା କରିଥିଲେ। ମାମୁ ଓ ଭଣଜାଙ୍କ ମଧ୍ୟରେ କିଛି ସମୟ ସାଙ୍ଗଠନିକ ଆଲୋଚନା ହୋଇଥିଲା। ଏହାପରେ କାଳନ୍ଦୀ ଗୋପାଳପ୍ରସାଦ ଯାଇ ମା' ହିଙ୍ଗୁଳାଙ୍କୁ ଦର୍ଶନ କରିଥିଲେ। ଏହାପରେ ସେ ପ୍ରଚାର ଅଭିଯାନ ଆରମ୍ଭ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ମିଡିଆ ସେଲ୍‌ର ପର୍ଶୁରାମ ବାରିକ, କର୍ମୀ କାଳନ୍ଦୀ ପ୍ରଧାନ, ପ୍ରଶାନ୍ତ ନନ୍ଦ ଏବଂ ପ୍ରଭାରୀ ଭକ୍ତ ବତ୍ସଳ ପ୍ରମୁଖ ଉପସ୍ଥିତ ଥିଲେ।

ଅନ୍ୟପକ୍ଷରେ ଦଳୀୟ ଟିକେଟ୍ ମିଳିବା ପରେ କାଳନ୍ଦୀ ଖୁସି ପ୍ରକଟ କରିଛନ୍ତି। ବୁଥ୍‌ସ୍ତରର କାର୍ଯ୍ୟକର୍ତ୍ତାଙ୍କ ଆସ୍ଥା ବିଶ୍ୱାସକୁ ସମ୍ମାନ ଜଣାଇ ରାଜ୍ୟ ଓ କେନ୍ଦ୍ରୀୟ ନେତୃତ୍ୱ ତାଙ୍କୁ ପ୍ରାର୍ଥୀ କରାଇଥିବାରୁ ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା, ବରିଷ୍ଠ ନେତା ଧର୍ମେନ୍ଦ୍ର ପ୍ରଧାନ, ରାଜ୍ୟ ଭାଜପା ସଭାପତି ମନମୋହନ ସାମଲଙ୍କ ସମେତ ସମସ୍ତ ନେତୃବର୍ଗଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଦୀର୍ଘ ୩୫ ବର୍ଷ ହେବ ରାଷ୍ଟ୍ରୀୟ ବିଚାରଧାରା ଓ ବରିଷ୍ଠ ନେତା ଧର୍ମେନ୍ଦ୍ର ପ୍ରଧାନଙ୍କ ଦ୍ୱାରା ଅନୁପ୍ରାଣିତ ହୋଇ କାର୍ଯ୍ୟ କରିଆସିଥିବାରୁ ଦଳ ଯେତେବେଳେ ଯାହା ଦାୟିତ୍ୱ ଦେଇଛି ତାହା ସୁଚାରୁ ରୂପେ ପାଳନ କରିବା ପାଇଁ ଚେଷ୍ଟା କରିଛି ବୋଲି କାଳନ୍ଦୀ କହିଛନ୍ତି। ମୋଦି ସରକାରଙ୍କ ଗ୍ୟାରେଣ୍ଟି ତଥା ବରିଷ୍ଠ ନେତା ଧର୍ମେନ୍ଦ୍ରଙ୍କ ତାଳଚେର ପ୍ରତି ବିକାଶମୂଳକ କାର୍ଯ୍ୟକୁ ପାଥେୟ କରି, ତାଳଚେରବାସୀଙ୍କ ସ୍ନେହ, ଶ୍ରଦ୍ଧା, ଆଶୀର୍ବାଦ ଓ ବୁଥସ୍ତରର କାର୍ଯ୍ୟକର୍ତ୍ତାଙ୍କ କାର୍ଯ୍ୟଧାରାକୁ ନେଇ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିବି ବୋଲି କାଳନ୍ଦୀ ପ୍ରକାଶ କରିଛନ୍ତି।

# ଯୁବକଙ୍କୁ ଆକ୍ରମଣ ଅଭିଯୋଗ

ଅନୁଗୋଳ,୩।୪(ଅମିତ କୁମାର ସାମଲ)

ଅନୁଗୋଳ ଟାଉନ ଥାନା ଅନ୍ତର୍ଗତ ରାଧା ରମଣପଡା ଠାରେ ପୂର୍ବଶତ୍ରୁତା କେନ୍ଦ୍ର କରି ଗଣ୍ଡଗୋଳ ଘଟିଛି। ଏଥିରେ ଲିଙ୍ଗରାଯୋଡି ଅଞ୍ଚଳର ବାପି ଓରଫ ସତ୍ୟଜିତ୍ ପ୍ରଧାନ ଗୁରୁତର ହୋଇଛନ୍ତି। ତାଙ୍କ ବାମ ହାତ ଓ ପିଠିରେ ଗଭୀର କ୍ଷତ ସୃଷ୍ଟି ହୋଇଛି।

ଘଟଣାରୁ ଜଣାପଡିଛି, ବୁଧବାର ରାତି ୯ଟାରେ ବାପି ରାଧାରମଣପଡାର ଏକ ଫାଷ୍ଟ ଫୁଡ୍ ଦୋକାନ ସମ୍ମୁଖରେ ଛିଡା ହୋଇଥିବାବେଳେ ସଂଘବଦ୍ଧ ଭାବେ ତାଙ୍କୁ ଆକ୍ରମଣ ହୋଇଥିଲା। ବିଭିନ୍ନ ମାରଣାସ୍ତ୍ର ଧରି କେତେଜଣ ଦୁର୍ବୃତ୍ତ ତାଙ୍କୁ ଆକ୍ରମଣ କରି ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ଅନୁଗୋଳ ସହର କେତେଜଣ ଯୁବକଙ୍କ ସହ ଶତ୍ରୁତାକୁ ନେଇ ବାପିଙ୍କୁ ଆକ୍ରମଣ ହୋଇଥିବା ଚର୍ଚ୍ଚା ହେଉଛି। ଏ ନେଇ ଅନୁଗୋଳ ଥାନାରେ ଅଭିଯୋଗ ହେବା ପରେ ପୋଲିସ ଘଟଣାର ତଦନ୍ତ ଚଳାଇଛି।



# ହାତୀର ଗଳିତ କଙ୍କାଳ ଉଦ୍ଧାର

ଅନୁଗୋଳ,୩।୪ (ଅମିତ କୁମାର ସାମଲ)

ଅନୁଗୋଳ ବନାଞ୍ଚଳ ପୁରୁଣାଗଡ଼ ସେକ୍ସନରେ ଏକ ମାଈହାତୀର ଗଳିତ କଙ୍କାଳ ଠାବ ହୋଇଛି। ଘଟଣାସ୍ଥଳରେ ବନବିଭାଗ ଅଧିକାରୀଙ୍କ ସମେତ ଜେଟିଏଫ୍ ଟିମ୍ ପହଞ୍ଚି ତଦନ୍ତ ଆରମ୍ଭ କରିଥିବା ଜଣାପଡ଼ିଛି। ସୂଚନାରୁ ପ୍ରକାଶ, ଅନୁଗୋଳ ବନାଞ୍ଚଳ ପୁରୁଣାଗଡ଼ ସେକ୍ସନ ପୁରୁଣାଗଡ଼ ଉତ୍ତର ବିଟ୍ କଳାପାଟ ଠାକୁରାଣୀଙ୍କ ପିଢ଼ ନିକଟରେ ଏକ ହାତୀର ଗଳିତ ମୃତଦେହ ପଡ଼ିଥବବା ଖବର ମିଳିଥିଲା। ହାତୀଟି ପ୍ରାୟ ପ୍ରାୟ ୨ମାସରୁ ଅଧିକ ସମୟ ଧରି ସେଠାରେ ମରି ପଡ଼ିଥିବା ସନ୍ଦେହ କରାଯାଉଛି। ଘଟଣାସ୍ଥଳରେ ହାତୀର କଙ୍କାଳ ସହ ଚମଡା ପଡିଛି। ହାତୀଟି ରୋଗରେ ପଡ଼ି ମରିଥିବା ସନ୍ଦେହ କରାଯାଉଥିବା ବେଳେ ଏହାକୁ ପାଟ୍ରୋଲିଂ ଟିମ୍ ପ୍ରଥମେ ଦେଖିଥିଲେ। ଖବରପାଇ ଅନୁଗୋଳ ବନାଞ୍ଚଳ ଅଧିକାରୀ ହରମୋହନ ନାୟକ, ବନଖଣ୍ଡ ଅଧିକାରୀ ନୀତିଶ କୁମାର, ରାଜ୍ୟସ୍ତରୀୟ ଜେଟିଏଫ ଟିମ୍ ପହଞ୍ଚିଥିବା ବେଳେ ସାତକୋଶିଆ ପ୍ରାଣୀ ଡାକ୍ତରଙ୍କ ସମେତ ଅନୁଗୋଳ ଓ ବନ୍ତଳା ପ୍ରାଣୀ ଡାକ୍ତର ପହଞ୍ଚି କଙ୍କାଳର ବ୍ୟବଚ୍ଛେଦ ପରେ ଉକ୍ତ ସ୍ଥାନରେ ପୋତି ଦେଇଥିଲେ। ପ୍ରାଥମିକ ତଦନ୍ତରୁ ମାଈ ହାତୀଟିର ବୟସ ୨୨ ବର୍ଷ ହେବ ଓ ରୋଗରେ ପଡି ମୃତ୍ୟୁ ହୋଇଥିବା ସନ୍ଦେହ କରାଯାଉଛି।



# ଭାଜପା ପ୍ରାର୍ଥୀ ସଞ୍ଜୀବଙ୍କୁ ସମ୍ବର୍ଦ୍ଧନା

ଆଠମଲ୍ଲିକ,୩।୪(ଉଦୀପ୍ତ ପୁରୋହିତ)

ଆଠମଲ୍ଲିକ ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ଭାଜପା ପକ୍ଷରୁ ସଞ୍ଜୀବ ସାହୁଙ୍କୁ ପ୍ରାର୍ଥୀ କରାଯିବା ପରେ ଦଳୀୟ କର୍ମୀମାନଙ୍କ ମହଲରେ ଖୁସିର ଲହରି ଖେଳିଯାଇଛି। ମଙ୍ଗଳବାର ସନ୍ଧ୍ୟାରେ ଦଳୀୟ କର୍ମୀମାନଙ୍କ ଦ୍ୱାରା ଏକ ବାଇକ ରାଲି କରାଯାଇ ସଞ୍ଜୀବଙ୍କୁ ସ୍ୱାଗତ କରାଯାଇଥିଲା। ଏନ୍‌ଏସିର ପୂର୍ବତନ ଅଧ୍ୟକ୍ଷ ସନ୍ତୋଷ କୁମାର ହୋତା, ଜିଲା ଭାଜପା ସାଧାରଣ ସମ୍ପାଦକ ତଥା ଆଇନଜୀବୀ ଭବାନୀ ପ୍ରସାଦ ଜ୍ୟୋତିଷରାୟ, ମଣ୍ଡଳ ସଭାପତି ବିଜୟା ନନ୍ଦ ପ୍ରଧାନ, ନଗର ସମ୍ପାଦକ ପିନା ପାଣିଗ୍ରାହୀ ପ୍ରମୁଖ ଭାଜପା ପାର୍ଥୀ ସଞ୍ଜୀବଙ୍କ ଭୁବନେଶ୍ୱରସ୍ଥିତ ବାସଭବନରେ ପହଞ୍ଚି ଫୁଲ ତୋଡା ଦେଇ ସ୍ୱାଗତ କରିବା ସହିତ ଅଭିନନ୍ଦନ ଜଣାଇଥିଲେ।



# କବୟିତ୍ରୀ ଗାୟତ୍ରୀ ସିଂହ ସମ୍ମାନିତ

ଆଠମଲ୍ଲିକ,୩।୪(ଉଦୀପ୍ତ ପୁରୋହିତ)

ଭାଷା ଓ ସାହିତ୍ୟର ସମୃଦ୍ଧି ପାଇଁ ଚେଷ୍ଟିତ ଥିବା ଆଠମଲ୍ଲିକର ସାରସ୍ୱତ ସାଧିକା ଗାୟତ୍ରୀ ସିଂହଙ୍କୁ ଢେଙ୍କାନାଳ ଯୋରନ୍ଦା ସ୍ଥିତ ମହିମାଗାଦିରେ 'ବିଶ୍ୱ ଓଡ଼ିଶା' ସଙ୍ଗଠନର ଦଶମ ପ୍ରତିଷ୍ଠା ଦିବସ ସମାବେଶରେ 'ବିଶ୍ୱ ଓଡ଼ିଶା ସାରସ୍ୱତ ସମ୍ମାନ' ରେ ସମ୍ମାନିତ କରାଯାଇଛି। ଆୟୋଜିତ ଉତ୍ସବରେ ଆର୍ଯ୍ୟକବି ପଣ୍ଡିତ ଡକ୍ଟର ପ୍ରମୋଦ କୁମାର ମିଶ୍ର ଅଧ୍ୟକ୍ଷତା କରିଥିବା ବେଳେ ମୁଖ୍ୟ ଅତିଥି ଭାବରେ ଆମେରିକାର ପ୍ରସିଦ୍ଧ ଭେଷଜ ବୈଜ୍ଞାନିକ ଡାକ୍ତର ଅଲେଖ କୁମାର ଦାସ ଏବଂ ସମ୍ମାନିତ ଅତିଥି ଭାବରେ ପୂର୍ବତନ ମନ୍ତ୍ରୀ ନବୀନ ଚନ୍ଦ୍ର ନାରାୟଣ ଦାସ ଯୋଗ ଦେଇଥିଲେ। ଏହି ଉତ୍ସବରେ ବିଶ୍ୱବ୍ୟାପୀ ଓଡ଼ିଆ ଜାତୀୟତା ଜାଗରଣ ଅଭିଯାନ କ୍ରମରେ ଆଲୋଚ୍ୟ ପ୍ରସଙ୍ଗ ବିଶ୍ୱ ଆଧ୍ୟାତ୍ମ ଜଗତକୁ ଓଡ଼ିଶାର ଥିବା ଅବଦାନ 'ମହିମାଧର୍ମ' ଉପରେ ସତନ୍ତ୍ର ଅତିଥି ଭାବରେ ଯୋଗ ଦେଇଥିବା କୌପିନଧାରୀ ମହିମା ସମାଜ ମୁଖ୍ୟ ଶ୍ରୀମଦ ରଘୁନାଥ ବାବା, ବକ୍କଲଧାରୀ ଅବଧୂତ ଶଙ୍କର ବାବା, ଅବଧୂତ ପ୍ରମୋଦ ବାବା ସାରଗର୍ଭକ ବାଣୀ ପ୍ରଦାନ କରିଥିଲେ। ଏହି ଅବସରରେ ସିଂହଙ୍କୁ ଉତ୍ତରୀୟ ଓ ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା। ଅନୁଷ୍ଠାନ ସମ୍ପାଦକ ମନୋଜ ମନ୍ମୟ ଏବଂ ସଂଯୋଜିକା ରଶ୍ମିତା ରାଉତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସୂଚନାଯୋଗ୍ୟ, ଲେଖିକା ସିଂହ ସନ୍ଥକବି ଭୀମଭୋଇ ସାହିତ୍ୟ ସଂସଦର ରାଜ୍ୟ ସଭାପତି ଏବଂ ମାତୃଭୂମି ଶିଶୁ ସାହିତ୍ୟ ମଞ୍ଚର ସଭାପତି ଥିବାବେଳେ ଓଡ଼ିଶାର ବିଭିନ୍ନ ସାହିତ୍ୟ ଅନୁଷ୍ଠାନ ସହିତ ଜଡ଼ିତ ଅଛନ୍ତି।




## ୨ ଚୋରି ବାଇକ୍ ଜବତ, ୪ ଗିରଫ

ଛେଣ୍ଡିପଦା,୩।୪(ଅଜିତ ଧଳ)

ଅନୁଗୋଳ ଜିଲା ଛେଣ୍ଡିପଦା ଥାନା ପୋଲିସ ବୁଧବାର ୨ଟି ଚୋରି ବାଇକ୍ ଜବତ କରିଛି। ଏହି ଘଟଣାରେ ୪ ଜଣଙ୍କୁ ଗିରଫ କରାଯାଇଛି।

ପୋଲିସ କହିଛି, କମ୍ପସଲା ଗ୍ରାମର ଅଶ୍ୱିନୀ କୁମାର ସାହୁଙ୍କ ପରିବାର ଲୋକେ ୨୦୨୩ ନଭେମ୍ବର ୨୫ ରାତିରେ ଶୋଇଥିବାବେଳେ ଦୁର୍ବୃତ୍ତମାନେ ଘର ଭିତରକୁ ପଶି ୫ ହଜାର ଟଙ୍କା, ୨ଟି ମୋବାଇଲ ଓ ଏକ ବାଇକ୍ ଚୋରି କରି ନେଇଥିଲେ। ସକାଳେ ପରିବାର ଲୋକେ ଘରୁ ଚୋରି ହୋଇଥିବା ଜାଣିବାକୁ ପାଇଥିଲେ। ଏ ନେଇ ଅଶ୍ୱିନୀ ଛେଣ୍ଡିପଦା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ନଂ. ୫୧୯/୨୩ରେ ମାମଲା ରୁଜୁ କରି କଣିହାଁ ଥାନା ବଇଣ୍ଡା ଗ୍ରାମର ବାବୁଲା ଦେହୁରୀ ଓ ରୁଦ୍ର ଦେହୁରୀଙ୍କୁ ଗିରଫ କରିଛି। ପୋଲିସ ରାଇଝରଣ ଗ୍ରାମରେ ଚଢ଼ାଉ କରି ଚୋରି ହୋଇଥିବା ୨ଟି ବାଇକ ଜବତ କରିବା ସହିତ ଚୋରି ବାଇକ୍ କିଣିବା ଅଭିଯୋଗରେ ରାଇଝରଣ ଗ୍ରାମର ଗୌରାଙ୍ଗ ଚରଣ ଦେହୁରୀ ଓ କପିଳେନ୍ଦ୍ର ପ୍ରଧାନଙ୍କୁ ଗିରଫ କରିଛି। ଗିରଫ ୪ଜଣଙ୍କୁ ପୋଲିସ ବୁଧବାର କୋର୍ଟଚାଲାଣ କରିଛି।

# ମାହେଶ୍ୱରୀଙ୍କୁ ପୂଜାର୍ଚ୍ଚନା କଲେ ସଞ୍ଜୀବ



ଆଠମଲ୍ଲିକ,୩।୪(ଉଦୀପ୍ତ ପୁରୋହିତ)

ଆଠମଲ୍ଲିକ ବିଧାନସଭା ଆସନର ଭାଜପା ପ୍ରାର୍ଥୀ ସଞ୍ଜୀବ କୁମାର ସାହୁ ଆଠମଲ୍ଲିକ ଗସ୍ତରେ ଆସି ଅଞ୍ଚଳର ଅଧିଷ୍ଠାତ୍ରୀ ଦେବୀ ମା' ମାହେଶ୍ୱରୀଙ୍କୁ ଦର୍ଶନ କରିବା ସହ ପୂଜାର୍ଚ୍ଚନା କରିଛନ୍ତି। ମା'ଙ୍କୁ ଦର୍ଶନ କରିବା ପରେ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ଭେଟିଥିଲେ। ଆଠମଲ୍ଲିକ ମାଟିର ସେବା ପାଇଁ ଭାରତୀୟ ଜନତା ପାର୍ଟି ତାଙ୍କ ଉପରେ ଭରସା କରିଥିବାରୁ ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା, ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା, ବରିଷ୍ଠ ନେତା ଧର୍ମେନ୍ଦ୍ର ପ୍ରଧାନ, ରାଜ୍ୟ ସଭାପତି ମନମୋହନ ସାମଲ, ଜିଲା ଓ ଆଠମଲ୍ଲିକ ନିର୍ବାଚନମଣ୍ଡଳୀର କର୍ମକର୍ତ୍ତାଙ୍କୁ କୃତଜ୍ଞତା ଜଣାଇଥିଲେ। କେନ୍ଦ୍ର ସରକାରଙ୍କ ବିଭିନ୍ନ ଜନ କଲ୍ୟାଣକାରୀ ଯୋଜନା ଓ ଆଠମଲ୍ଲିକବାସୀଙ୍କ ଆଶୀର୍ବାଦ ନେଇ ନିର୍ବାଚନ ମଇଦାନକୁ ଓହ୍ଲାଇଛି ବୋଲି ପ୍ରକାଶ କରିଥିଲେ। ସଞ୍ଜୀବଙ୍କ ଏହି ଗସ୍ତ ସମୟରେ ଜିଲା ଭାଜପା ସଭାପତି ଦିଲେଶ୍ୱର ପ୍ରଧାନ, ଏନ୍‌ଏସି ପୂର୍ବତନ ଅଧ୍ୟକ୍ଷ ସନ୍ତୋଷ ହୋତା, ଜିଲା ଯୁବମୋର୍ଚ୍ଚା ସଭାପତି ସୁଦୀପ୍ତ ସ୍ୱାଇଁ, ନଗର ସଭାପତି ଅବନୀକାନ୍ତ ପ୍ରଧାନ, ଜିଲା ସମ୍ପାଦକ ଭବାନୀ ପ୍ରସାଦ ଜ୍ୟୋତିଷରାୟ, କାଉନସିଲର ନୂତନ ବେହେରା, ମଣ୍ଡଳ ସଭାପତି ଗଗନ ବାରିକ, ମଣ୍ଡଳ ସଭାପତି ବିଜୟାନନ୍ଦ ପ୍ରଧାନ, ଯୁବନେତା ବିଦ୍ୟୁତ୍ ପାଣିଗ୍ରାହୀ, ସୁଶାନ୍ତ ହୋତା, ରାଜେଶ ମିଶ୍ର, ପ୍ରାଣବନ୍ଧୁ ମେଣ୍ଡୁଲିଙ୍କ ସମେତ ବହୁ ଦଳୀୟ କର୍ମୀ ଉପସ୍ଥିତ ଥିଲେ। ମାହେଶ୍ୱରୀଙ୍କ ଦର୍ଶନ ସାରି ଦରୁହାସ୍ଥିତ ମା' ବିନ୍ଧିକେଇଙ୍କୁ ଦର୍ଶନ କରିବାକୁ ଯାଇଥିଲେ।

# ଏମ୍‌ପି ପ୍ରାର୍ଥୀ ଅବିନାଶ, ବିଧାୟକ ପ୍ରାର୍ଥୀ ନୃସିଂହଙ୍କୁ ସମ୍ବର୍ଦ୍ଧନା

**ପରଜଙ୍ଗ,୩।୪(ନିଗମାନନ୍ଦ ଦଳବେହେରା)**



ଢେଙ୍କାନାଳ ଲୋକ ସଭା ବିଜେଡି ପ୍ରାର୍ଥୀ ଡା. ଅବିନାଶ ସାମଲଙ୍କୁ ବୁଧବାର ପରଜଙ୍ଗ ନିର୍ବାଚନମଣ୍ଡଳୀ ବିଜେଡି ତରଫରୁ ସମ୍ବର୍ଦ୍ଧନା ଦିଆଯାଇଛି। ଏହି ଅବସରରେ ସ୍ଥାନୀୟ ପରଜଙ୍ଗ ବଜାରରେ ଥିବା ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ମହେଶ ଚନ୍ଦ୍ର ସୁବାହୁସିଂହ ଓ ଜହ୍ନପଡ଼ାଠାରେ ଶହୀଦ୍ ବୀର ବେନୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ ଏମ୍‌ପି ପ୍ରାର୍ଥୀ ଡ. ଅବିନାଶ ସାମଲ ଓ ପରଜଙ୍ଗ ବିଜେଡି ବିଧାୟକ ପ୍ରାର୍ଥୀ ଡା. ନୃସିଂହ ଚରଣ ସାହୁ। ପରେ ପରଜଙ୍ଗ ବ୍ଲକସ୍ଥିତ ଜହ୍ନପଡାଠାରେ ଢେଙ୍କାନାଳ ଲୋକ ସଭା ପାଇଁ ବିଜେଡି ଏମ୍‌ପି ପ୍ରାର୍ଥୀ ଡା. ଅବିନାଶ ସାମଲଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ପରଜଙ୍ଗ ବିଧାୟକ ପ୍ରାର୍ଥୀ ଡା. ସାହୁଙ୍କ ନେତୃତ୍ୱରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ଏମ୍‌ପି ପ୍ରାର୍ଥୀ ଅବିନାଶ ସାମଲଙ୍କୁ ପରଜଙ୍ଗ ବିଜେଡି ତରଫରୁ ସ୍ୱାଗତ କରାଯାଇଥିଲା। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଷଷ୍ଠଥର ପାଇଁ ମୁଖ୍ୟମନ୍ତ୍ରୀ କରିବା ସହ ଢେଙ୍କାନାଳ ଏମ୍‌ପି ଭାବେ ଡା. ଅବିନାଶ ଓ ପରଜଙ୍ଗ ବିଧାୟକ ଭାବେ ଡା. ସାହୁଙ୍କୁ ବିଜୟୀ କରିବାକୁ କର୍ମୀମାନେ ଶପଥ ଗ୍ରହଣ କରିଥିଲେ। ଆୟୋଜିତ ସଭାରେ ଢେଙ୍କାନାଳ ବିଧାୟକ ସୁଧୀର ସାମଲ, ଢେଙ୍କାନାଳ ଜିଲା ପରିଷଦ ଉପସଭାପତି ବିଳାସିନୀ ସେଠୀ, ଯୁବନେତା ଅସିତ ରାୟ ଚୌଧୁରୀ, ପରଜଙ୍ଗ ନିର୍ବାଚନମଣ୍ଡଳୀ ବିଜେଡି ପର୍ଯ୍ୟବେକ୍ଷକ ଆଶିଷ ଚକ୍ରବର୍ତ୍ତୀ, ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ, ଜିଲା ପରିଷଦ ସଦସ୍ୟ, କଙ୍କଡାହାଡ଼ ଓ ପରଜଙ୍ଗ ବ୍ଲକର ଛାମୁଆ ନେତା ଓ ବହୁ ସଂଖ୍ୟାରେ ବିଜେଡି କର୍ମୀ ଉପସ୍ଥିତ ଥିଲେ। ଏହି ଅବସରରେ ପରଜଙ୍ଗ ନିର୍ବାଚନମଣ୍ଡଳୀର ଶତାଧିକ ଭାଜପା କର୍ମୀ ବିଜେଡିରେ ସାମିଲ ହୋଇଥିଲେ।

# ତଦନ୍ତ ନିର୍ଦ୍ଦେଶ ଦେଲେ ଜିଲାପାଳ

## ନିର୍ବାଚନ ଆଚରଣବିଧି ଉଲ୍ଲଂଘନ ଅଭିଯୋଗ

**ଢେଙ୍କାନାଳ,୩।୪ (ରତନ ନାୟାର)**

ଢେଙ୍କାନାଳ ଜିଲା କଙ୍କଡ଼ାହାଡ଼ ବ୍ଲକ ମରୁଆବିଲି ପଞ୍ଚାୟତ ପିତଳଧୁଆ ଗ୍ରାମର ବେଲାବଣିଆ ସାହିରେ ଗତ ୩୧ ତାରିଖରେ ପରଜଙ୍ଗ ବିଧାୟକ ଡା. ନୃସିଂହ ଚରଣ ସାହୁ ଏକ ସାଧାରଣ ସଭାରେ ଯୋଗ ଦେଇଥିଲେ। ଏଥିରେ ସ୍ୱତନ୍ତ୍ର ଉନ୍ନୟନ ପରିଷଦର ସଭ୍ୟ କରୁଣାକରଣ ହେମ୍ବ୍ରମ ମଧ୍ୟ ଯୋଗ ଦେଇଥଲେ। ଏହି ସଭାରେ ବିଧାୟକ ଲୋକମାନଙ୍କୁ ବାଦ୍ୟଯନ୍ତ୍ର ଓ ବସ୍ତ୍ର ପ୍ରଦାନ କରିଥିଲେ। ଏହା ନିର୍ବାଚନ ଆଚରଣବଧି ଉଲ୍ଲଂଘନ କରୁଥିବା ଅଭିଯୋଗ ହୋଇଥିଲା। ଏହା ଉପରେ ଜିଲା ନିର୍ବାଚନ ଅଧିକାରୀ ତଥା



ELECTION URGENT
E-mail Id - dkl.election@gmail.com
Tel. No.- 06762-226503

OFFICE OF THE COLLECTOR & DISTRICT MAGISTRATE, DHENKANAL.
(ELECTION)
No.VII-26/2024- 858 /Dated 03.04.2024

To
The Superintendent of Police, Dhenkanal

Sub: Enquiry report on the allegation petition dtd.02.04.2024 regarding violation of Model Code of Conduct.

Sir,
Enclosed please find herewith the Letter No.374/Dt.03.04.2024 of the ADM-cum-R.O., Parjang Assembly Constituency alongwith enquiry report received from the BDO, Kankadahad, Tahasildar, Kankadahad and OIC FST-II, 58 Parjang AC. The enquiry report clearly reveals violation of Model Code of Conduct in the following light.

As per point No.5 of the ECI instructions contained in Letter No.76/instruction/2011/EEM, Dt.07.04.2011 says that, " xxx supply and distribution of main apparels like saree, shirt, T-Shirt etc. by a party/Candidate is not permitted as it is bribery of voters". The bribery of voters is both corrupt practice and an electoral offence under section 123(1) of the RPA-1951 and 171 B of IPC respectively. Hence, the head of FST-II, Parjang AC will lodge F.I.R. against the incident in the local Police Station.

In view of the above, you are requested to instruct the concerned IIC to immediately initiate case on the F.I.R. and take appropriate action.
Encl: As above.

Yours faithfully,
3.4.24
DEO & Collector
Dhenkanal

ଜିଲାପାଳ ଅମ୍ରିତ ଋତୁରାଜ ବୁଧବାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଏହି ଘଟଣା ପରେ ଯଥାଶୀଘ୍ର ସ୍ଥାନୀୟ ଥାନାରେ ମାମଲା ରୁଜୁ କରିବା ସହିତ ତ୍ୱରିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। କଙ୍କଡାହାଡ ବ୍ଲକ ଉନ୍ନୟନ ଅଧିକାରୀ, ଫ୍ଲାଇଙ୍ଗ୍ ସ୍କ୍ୱାର୍ଡ ଓ ପରଜଙ୍ଗ ବିଧାନସଭା ନିର୍ବାଚନମଣ୍ଡଳୀର ରିର୍ଟର୍ନିଂ ଅଫିସରଙ୍କ ତଦନ୍ତ ରିପୋର୍ଟ ଆଧାରରେ ଜିଲାପାଳ ଏହି ନିର୍ଦ୍ଦେଶ ଦେଇଛନ୍ତି।

# ପୁଣି ଝୁଲିଲା ହିନ୍ଦୋଳ ବିଜେଡି ପ୍ରାର୍ଥୀ ଚୟନ

**ଢେଙ୍କାନାଳ,୩।୪(ରତନ ନାୟାର)**

ଢେଙ୍କାନାଳ ଲୋକ ସଭା କ୍ଷେତ୍ର ଅଧୀନରେ ଥିବା ସଂରକ୍ଷିତ ହିନ୍ଦୋଳ ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ବର୍ତ୍ତମାନ ସୁଦ୍ଧା ବିଜେଡି, ଭାଜପା ଓ କଂଗ୍ରେସ ପକ୍ଷରୁ ପ୍ରାର୍ଥୀ ଘୋଷଣା ହୋଇପାରିନାହିଁ। ବୁଧବାର ବିଜେଡିର ଦ୍ୱିତୀୟ ପର୍ଯ୍ୟାୟ ପ୍ରାର୍ଥୀ ତାଲିକା ଘୋଷଣା ହୋଇଥିବା ବେଳେ ଏଥିରେ ହିନ୍ଦୋଳ ବିଧାନସଭା ନିର୍ବାଚନମଣ୍ଡଳୀର ପ୍ରାର୍ଥୀଙ୍କ ନାମ ଘୋଷଣା ହୋଇପାରିନାହିଁ। ଫଳରେ ବିଜେଡି ପ୍ରାର୍ଥୀ ଚୟନକୁ ନେଇ ନାନା କଳ୍ପନା ଜଳ୍ପନା ପ୍ରକାଶ ପାଉଛି। ଏପରି କି ବିଜେଡି, ଭାଜପା ଓ କଂଗ୍ରେସ ପରସ୍ପର ଉପରେ ଏଠାରେ ନଜର ରଖିଛନ୍ତି। ଫଳରେ ଏହାକୁ ନେଇ ପ୍ରାର୍ଥୀ ଚୟନରେ ବିଳମ୍ବ ହେଉଥିବା ଆଲୋଚନା ହେଉଛି। ହିନ୍ଦୋଳ ନିର୍ବାଚନମଣ୍ଡଳୀରେ ବିଜେଡି ପ୍ରାର୍ଥୀ ପାଇଁ ବିଧାୟିକା ସୀମାରାଣୀ ନାଏକଙ୍କ ସମେତ ନମିତା ନାଏକ ଓ ଅଶୋକ ନାଏକଙ୍କ ନାମ ଆଲୋଚନା ହେଉଛି। ସେହିପରି ଅନ୍ୟପଟରେ ବିଜେଡି ଏମ୍‌ପି ପ୍ରାର୍ଥୀରୁ ବାଦ୍ ପଡିଥିବା ମହେଶ ସାହୁଙ୍କୁ ହିନ୍ଦୋଳ ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ବିଜେଡି ପ୍ରାର୍ଥୀ କରାଯିବାର ସମ୍ଭାବନା ରହିଛି ବୋଲି ତାଙ୍କ ସମର୍ଥକମାନେ ଆଲୋଚନା କରୁଛନ୍ତି।

# ‘ସୁବିଧା’ ଆପ୍‌ର ବ୍ୟବହାର ନେଇ ପ୍ରଶିକ୍ଷଣ



‘ସୁବିଧା’ ଆପ୍‌ର ବ୍ୟବହାର ନେଇ ପ୍ରଶିକ୍ଷଣ ଶିବିର।

**ଢେଙ୍କାନାଳ,୩।୪(ରତନ ନାୟାର)**

ଢେଙ୍କାନାଳ ଜିଲା କାର୍ଯ୍ୟାଳୟରେ ବୁଧବାର ‘ସୁବିଧା’ ଆପ୍‌ର ବ୍ୟବହାର ନେଇ ରାଜନୈତିକ ଦଳର ପ୍ରତିନିଧିମାନଙ୍କ ଏକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ(ସାଧାରଣ) ରମେଶଚନ୍ଦ୍ର ସେଠୀ ଶିବିରରେ ଅଧ୍ୟକ୍ଷତା କରି ରାଜନୈତିକ ଦଳର ପ୍ରତିନିଧିମାନଙ୍କୁ ସ୍ୱାଗତ କରିବା ସହିତ ସୁବିଧା ଆପ୍ ବିଷୟରେ ସଂକ୍ଷିପ୍ତ ଧାରଣା ପ୍ରଦାନ କରିଥିଲେ। ଏହାପରେ ଡିଆଇସି, ଏନ୍‌ଆଇସି ଦ୍ୱାରା ଏକ ପାୱାର ପଏଣ୍ଟ ପ୍ରେଜେଣ୍ଟେଶନ ଜରିଆରେ ସବିଶେଷ ତଥ୍ୟ ପ୍ରଦାନ କରାଯାଇଥିଲା। ଏହି ଆପ୍ ମାଧ୍ୟମରେ ସିଙ୍ଗଲ ୱିଣ୍ଡୋ ବ୍ୟବସ୍ଥାରେ ଢେଙ୍କାନାଳ ଜିଲାର ସମସ୍ତ ବିଧାନସଭା କ୍ଷେତ୍ରର ନିର୍ବାଚନ ପ୍ରଚାର ଓ ପ୍ରସାର ପାଇଁ ଆବଶ୍ୟକୀୟ ଅନୁମତି ପାଇଁ ଆବେଦନ କରିହେବ। ଏଥିସହିତ ଏହି ଆପ୍ ମାଧ୍ୟମରେ ପ୍ରାର୍ଥୀମାନେ ନିଜ ପ୍ରାର୍ଥିପତ୍ର ମଧ୍ୟ ଦାଖଲ କରିପାରିବେ। ଏହି ଆପ୍ ମାଧ୍ୟମରେ ରାଜନୈତିକ ଦଳମାନେ ସଭା, ଶୋଭାଯାତ୍ରା, ଡାକବାଜି ଯନ୍ତ୍ରର ବ୍ୟବହାର, ସ୍ଥାୟୀ ଓ ଅସ୍ଥାୟୀ ହେଲିପ୍ୟାଡର ବ୍ୟବହାର, ନିର୍ବାଚନରେ ଗାଡିର ବ୍ୟବହାର ସମ୍ବନ୍ଧୀୟ ସମସ୍ତ ବ୍ୟବସ୍ଥା ପାଇଁ ଆବେଦନ କରିପାରିବେ। ଏହି ପ୍ରଶିକ୍ଷଣ ଶିବିରରେ ରାଜ୍ୟ ତଥା ଜାତୀୟ ରାଜନୈତିକ ଦଳର ପ୍ରତିନିଧିମାନଙ୍କ ସହିତ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ଓଷ୍ଟା ପକ୍ଷରୁ ଜିଲାପାଳଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

**ଢେଙ୍କାନାଳ,୩।୪(ରତନ ନାୟାର)**

ଢେଙ୍କାନାଳ ଜିଲାରେ ନୂତନ ଭାବରେ ଯୋଗ ଦେଇଥିବା ଜିଲାପାଳ ଅମ୍ରିତ ଋତୁରାଜଙ୍କୁ ବୁଧବାର ଜିଲା ଓଷ୍ଟା ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଜିଲାରେ ଶିକ୍ଷାର ବିକାଶ ସହିତ ଶିକ୍ଷକମାନଙ୍କ ସମସ୍ୟା ସମ୍ପର୍କରେ କର୍ମକର୍ତ୍ତାମାନେ ଜିଲାପାଳଙ୍କ ସହିତ ଆଲୋଚନା କରିଥିଲେ। ଏଥିସହିତ ଛାତ୍ରୀଛାତ୍ରଙ୍କୁ ଶିକ୍ଷାଦାନ ସମ୍ପର୍କରେ ଶିକ୍ଷକମାନେ ଉତ୍ତମ ମାର୍ଗଦର୍ଶନ କରିବା ପାଇଁ ସେ ପରାମର୍ଶ ଦେଇଥିଲେ। ଏହି ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଢେଙ୍କାନାଳ ଓଷ୍ଟା ଜିଲା ସଭାପତି ସନ୍ତୋଷ କୁମାର ପାଣିଗ୍ରାହୀ, ସମ୍ପାଦକ ବିଭୂତି ସାମଲ, ଯୁଗ୍ମ ସମ୍ପାଦକ ସୁବାସ ଚନ୍ଦ୍ର ସାହୁ ଏବଂ ସଦର ବ୍ଲକର ସମ୍ପାଦକ ଲିଙ୍ଗରାଜ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।



ଓଷ୍ଟା ପକ୍ଷରୁ ଜିଲାପାଳଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଉଛି।

# ନବଜାତ ଶିଶୁର ମୃତଦେହ ଜବତ

**ରାସୋଳ,୩।୪(ସରୋଜ ମିଶ୍ର)**

ଢେଙ୍କାନାଳ ଜିଲା ହିନ୍ଦୋଳ ଉପଖଣ୍ଡ ରାସୋଳ ଖଲିବୋରେଇ ପଞ୍ଚାୟତ ବିମ୍ବୋରି ଗ୍ରାମ ନିକଟ ଏକ ବୁଦାମୂଳରୁ ନବଜାତ ଶିଶୁର ମୃତଦେହକୁ ବୁଧବାର ସକାଳୁ ପୋଲିସ ଜବତ କରିଛି। ତେବେ ଶିଶୁଟିର ମୃତ୍ୟୁର କାରଣ ଏବଂ କିଏ ତାକୁ ଆଣି ଏଠାରେ ପକାଇଛି ତାହା ଜଣାପଡିନାହିଁ। ଘଟଣାସ୍ଥଳରେ ଥାନା ଅଧିକାରୀ ବିଧୁଭୂଷଣ ମିଶ୍ର, ଅଙ୍ଗନୱାଡି କର୍ମୀ ଶାନ୍ତିଲତା ସାହୁ, ସୁପରଭାଇଜର ଜ୍ୟୋତ୍ସ୍ନା ଶତପଥୀ ଓ ଆଶା ଲିଲି ଅମାନ୍ତ ପହଞ୍ଚି ଅନୁସନ୍ଧାନ ଜାରି ରଖିଛନ୍ତି।

# ବାଣଫୁଟି ଯୁବକଙ୍କ ହାତ ପାପୁଲି କଟିଲା

**ଢେଙ୍କାନାଳ,୩।୪(ରତନ ନାୟାର)**

ଢେଙ୍କାନାଳ ଜିଲା ସଦର ଥାନା ଲୋଚାପଲି ଗ୍ରାମର ଗଣେଶ୍ୱର ନାୟକ(୪୦)ଙ୍କ ଡାହାଣ ହାତରେ ନଡିଆବାଣ ଫୁଟି ପାପୁଲି କଟିଯାଇଛି। ସକାଳ ୯ଟାରେ ଏହି ଘଟଣା ଘଟିଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ ଜିଲା ମୁଖ୍ୟ ଚିକିତ୍ସାଳୟ ଓ ପରେ କଟକ ସ୍ଥାନାନ୍ତରିତ କରାଯାଇଥିବା ଜଣାପଡିଛି।



ବାଣଫୁଟି ଆହତ ଗଣେଶ୍ୱର।

# ଶିକ୍ଷାର୍ଥୀମାନଙ୍କ ପ୍ରବେଶ ଉତ୍ସବ



ଶିକ୍ଷାର୍ଥୀମାନଙ୍କ ପ୍ରବେଶ ଉତ୍ସବ।

**ଢେଙ୍କାନାଳ,୩।୪(ରତନ ନାୟାର)**

ଢେଙ୍କାନାଳ ସହର ସୁଲକ୍ଷଣା ଦେବୀ ସରକାରୀ ଉଚ୍ଚ ବିଦ୍ୟାଳୟ ଶିକ୍ଷାର୍ଥୀମାନଙ୍କ ପ୍ରବେଶ ଉତ୍ସବ ବୁଧବାର ପାଳନ କରାଯାଇଛି। ଶିକ୍ଷାର୍ଥୀମାନେ ନିଜ ମାତାପିତା ଓ ଅଭିଭାବକଙ୍କ ସହିତ ବିଦ୍ୟାଳୟକୁ ପ୍ରବେଶ କରିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ମିନତୀ ଦେହୁରୀ, ବରିଷ୍ଠ ଶିକ୍ଷୟିତ୍ରୀ କନ୍ୟାକୁମାରୀ ଭୂତିଆ ଓ ଅନ୍ୟ ଶିକ୍ଷୟିତ୍ରୀ ଶିକ୍ଷକମାନେ ଶିକ୍ଷାର୍ଥୀମାନଙ୍କୁ ଫୁଲଚନ୍ଦନ ଦେଇ ସ୍ୱାଗତ କରିଥିଲେ। ଏହାପରେ ଅଭିଭାବକ ସମ୍ମିଳନୀ ହୋଇଥିଲା। ଅଭିଭାବକମାନଙ୍କ ସହ ଶିକ୍ଷାର୍ଥୀମାନଙ୍କ ଆଗାମୀ ଶିକ୍ଷାବର୍ଷ ବିଷୟରେ ଆଲୋଚନା ହୋଇଥିଲା।

# ବିଶିଷ୍ଟ ବ୍ୟକ୍ତିଙ୍କ ପରଲୋକ

**ଢେଙ୍କାନାଳ,୩।୪(ରତନ ନାୟାର)**

ଢେଙ୍କାନାଳ ସହରର ବିଶିଷ୍ଟ ବ୍ୟକ୍ତି ପୂର୍ବତନ ଭାରତୀୟ ଅର୍ଥ ସେବା ଅଧିକାରୀ ତଥା ଜିଲା କରଣ ସମାଜର ପୂର୍ବତନ ସଭାପତି ଦେବେନ୍ଦ୍ର ନାରାୟଣ ପଟ୍ଟନାୟକଙ୍କ କାଞ୍ଚନ ବଜାରସ୍ଥିତ ନିଜସ୍ୱ ବାସଭବନରେ ମଙ୍ଗଳବାର ପରଲୋକ ହୋଇଯାଇଛି। ତାଙ୍କୁ ୯୦ବର୍ଷ ହୋଇଥିଲା। ତାଙ୍କ ମରଶରୀର ନିକଟରେ ପୁଅ, ଝିଅ, ସ୍ତ୍ରୀ, ସାନପୁଅ କଟକ ଏସ୍‌ସିବି ହୃଦରୋଗ ବିଭାଗ ପ୍ରଫେସର ଡା. ମନୋଜ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ତାଙ୍କ ପରଲୋକରେ କରଣ ସମାଜ ସମ୍ପାଦକ ରବି ମହାନ୍ତି, ଲୁଲୁ ପଟ୍ଟନାୟକ, ମିନା ବଜାର ଟ୍ରଷ୍ଟ ଅଧ୍ୟକ୍ଷ କରଣ ସମାଜ ସଭାପତି ଜାନକୀ ବଲ୍ଲଭ ପଟ୍ଟନାୟକ, ଜିତେନ୍ଦ୍ର ପଟ୍ଟନାୟକ, ମନମୋହନ ପଟ୍ଟନାୟକ ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ଶୋକବ୍ୟକ୍ତ କରିଛନ୍ତି।

# ଇନ୍ଦିପୁରରେ ସୁନାଦଣ୍ଡ ଆରମ୍ଭ

**ଢେଙ୍କାନାଳ,୩।୪(ରତନ ନାୟାର)**

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ଇନ୍ଦିପୁର ସୁନାଦଣ୍ଡ ୨ ତାରିଖଠାରୁ ଆରମ୍ଭ ହୋଇଛି। ଦୀର୍ଘ ୧୫୯ ବର୍ଷ ଧରି ଏହି ଦଣ୍ଡଯାତ୍ରା ମେରୁ ଯାତ୍ରାକୁ ଗଣନା କରି ଚୈତ୍ର ମାସରେ ମାନସିକ ଧାରୀମାନେ ବ୍ରତ ପାଳନ କରିଆସୁଛନ୍ତି। ଇନ୍ଦିପୁର କାମନା କାଳୀଙ୍କ ମନ୍ଦିରରେ ମାନସିକ ରଖି ଦୂରଦୁରାନ୍ତରୁ ଭକ୍ତମାନେ ଆସି ଦଣ୍ଡ ଗଡିଥାନ୍ତି। ମଧ୍ୟାହ୍ନରେ ପ୍ରଚଣ୍ଡ ଖରାରେ ଦଣ୍ଡୁଆମାନେ ଦଣ୍ଡ ପ୍ରମାଣ କରିବା ପରେ କାଳିସୀଙ୍କ ଆଜ୍ଞାନେଇ ସ୍ନାନ କରିଥାନ୍ତି। ସୂର୍ଯ୍ୟାସ୍ତ ପୂର୍ବରୁ ଏକାନ୍ନ ପ୍ରସାଦ ପାଇ ଦୁଇଖଣ୍ଡ ବସ୍ତ୍ର ପରିଧାନ କରି ବେତଖଣ୍ଡ ହାତରେ ଧରି ଦଣ୍ଡୁଆମାନେ ବ୍ରତ ପାଳନ କରନ୍ତି। ରାତିରେ ଦଣ୍ଡନାଚ ୧୩ଟି ଜନଜାତିର ଜନ୍ମ ରହସ୍ୟ ଉପରେ ସାଂସ୍କୃତିକ ଜାଗରଣ ଜାଗ୍ରତ କରିଥାଏ ବୋଲି ସାଧାରଣରେ ମତପ୍ରକାଶ ପାଇଛି।



# ଅଧ୍ୟାପକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

**ମାଧପୁର,୩।୪ (ମନୋଜ ପ୍ରଧାନ)**

ଆଠମଲ୍ଲିକ ବ୍ଲକ ମାଧପୁର ସତ୍ୟବାଦୀ ମେହେର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଓଡ଼ିଆ ଅଧ୍ୟାପକ ପ୍ରତାପ ଚନ୍ଦ୍ର ତ୍ରିପାଠୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଏ ନେଇ ମହାବିଦ୍ୟାଳୟ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଅଧ୍ୟକ୍ଷ ବୈଦ୍ୟନାଥ ସାହୁ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ପୀତାମ୍ବର ବିଶ୍ୱାଳ ଯୋଗଦେଇ ଅଧ୍ୟାପକ ତ୍ରିପାଠୀଙ୍କୁ ଜଣେ ଆଦର୍ଶ ଅଧ୍ୟାପକ, ନିଆରା ମଣିଷ ବୋଲି ଅଭିହିତ କରିଥିଲେ। ମୁଖ୍ୟବକ୍ତା ଭାବରେ ଅବସରପ୍ରାପ୍ତ ହାଇସ୍କୁଲ ପ୍ରଧାନ ଶିକ୍ଷକ ଦେବରାଜ ନାୟକ ଯୋଗଦେଇଥିଲେ। ଇତିହାସ ବିଭାଗ ଅଧ୍ୟାପକ ଧନଞ୍ଜୟ ଦନ୍ତା, ଅଧ୍ୟାପକ ତ୍ରିପାଠୀଙ୍କ ସ୍ତ୍ରୀ ସ୍ନିଗ୍ଧାରାଣୀ ତ୍ରିପାଠୀ ମଞ୍ଚାସୀନ ଥିବାବେଳେ ମାନସ ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ପୁରାତନ ଛାତ୍ରୀଛାତ୍ରମାନେ ତ୍ରିପାଠୀଙ୍କୁ ନେଇ ସେମାନଙ୍କ ଅନୁଭୂତି ବର୍ଣ୍ଣନା କରିଥିଲେ ଏବଂ ଉପହାର ପ୍ରଦାନ କରିଥିଲେ। ପୂର୍ବତନ ଛାତ୍ର ଆକାଶ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଭଜମନ ପାତ୍ର, ଶ୍ରୀତମ ବାରିକ, ମହେନ୍ଦ୍ର ମେହେର, ଶୁଭକାନ୍ତ ପ୍ରଧାନ, ପପୁନ ସାହୁ ସହଯୋଗ କରିଥିଲେ। ଶେଷରେ ଶତାଧିକ ଛାତ୍ରୀଛାତ୍ର ତ୍ରିପାଠୀଙ୍କୁ ଶୋଭାଯାତ୍ରାରେ ନେଇ ମାଧପୁର ବଜାର ପରିକ୍ରମା କରିଥିଲେ।



# ଇସ୍କନ ଶାଖାର ନୂତନ ମନ୍ଦିର

**ଢେଙ୍କାନାଳ,୩।୪(ରତନ ନାୟାର)**

ଢେଙ୍କାନାଳ ଦକ୍ଷିଣକାଳୀ ଅଞ୍ଚଳରେ ଇସ୍କନ ଶାଖାର ନୂତନ ମନ୍ଦିର ବୁଧବାର ଶୁଭାରମ୍ଭ ହୋଇଛି। ଅନ୍ତରାଷ୍ଟ୍ରୀୟ କୃଷ୍ଣ ଭାବନାମୃତ ସଂଘ ତଥା ଇସ୍କନର ଜୋନାଲ ମୁଖ୍ୟ ଶ୍ରୀ ଶ୍ରୀମଦ୍ ଭକ୍ତିଗୌରବ ନାରାୟଣ ସ୍ୱାମୀ ମହାରାଜଙ୍କ ଦ୍ୱାରା ଏହା ଶୁଭାରମ୍ଭ ହୋଇଛି। ଏହି ଅବସରରେ କଟକ, ଭୁବନେଶ୍ୱର, ଅନୁଗୋଳ ଓ ଢେଙ୍କାନାଳ ଜିଲାର ବିଭିନ୍ନ ପ୍ରାନ୍ତରରୁ ବହୁ ସଂଖ୍ୟାରେ ଇସ୍କନ ଭକ୍ତମାନେ ଯୋଗଦେଇ କଥା, ପ୍ରବଚନ ଓ କୀର୍ତ୍ତନରେ ସାମିଲ ହୋଇଥିଲେ। ଅନୁଗୋଳ ଇସ୍କନ ମୁଖ୍ୟ ପୁରୁଷୋତ୍ତମ ଦାସ, ଉପାଧ୍ୟକ୍ଷ ବରଦକ୍ରିଷ୍ଣ ଦାସ ଓ ଢେଙ୍କାନାଳ ଇସ୍କନ ମୁଖ୍ୟ ପ୍ରେମ କିଶୋର ଦାସଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ପ୍ରଥମେ ନୂତନ ଭାବେ ଅବସ୍ଥାପିତ ବିଗ୍ରହମାନଙ୍କ ଆଳତୀ କରାଯାଇଥିଲା। ଏହାପରେ କଥା ପ୍ରବଚକ କୀର୍ତ୍ତନ ଅନୁଷ୍ଠିତ ହୋଇଥିଲା। ଗୀତା ଜୟନ୍ତୀ ଉପଲକ୍ଷେ ବିତରଣ କରାଯାଇଥିବା ଶ୍ରୀମଦ୍ ଭଗବତ ଗୀତାର ଶ୍ରେଷ୍ଠ ବିତରକମାନଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ପ୍ରସାଦ ସେବନ ଆୟୋଜିତ ହୋଇଥିଲା। ଏଠାରେ ପ୍ରତ୍ୟେକ ରବିବାର ପୂର୍ବାହ୍ନ ୧୧ଟାରେ ପ୍ରୀତିଭୋଜନ କାର୍ଯ୍ୟକ୍ରମ ରହିଛି ବୋଲି ଇସ୍କନ ଢେଙ୍କାନାଳର ମୁଖ୍ୟ ପ୍ରେମ କିଶୋର ଦାସ ସୂଚନା ଦେଇଛନ୍ତି।





